ଧରିତ୍ରୀ
DHARITRI
ବାଲେଶ୍ୱର, ବୁଧବାର, ୧୩ ମାର୍ଚ୍ଚ, ୨୦୧୯



# ପ୍ରଶାସନିକ ତଦନ୍ତ ନିର୍ଦ୍ଦେଶ ବାଟବଣା

- ଅଯୋଗ୍ୟ ଲୁଟୁଛନ୍ତି ଖାଉଟି ସାମଗ୍ରୀ
- ନେତାଙ୍କ ଚାପରେ ହେଲାନି ତଦନ୍ତ
- ଯୋଗ୍ୟ ହିତାଧିକାରୀ କାର୍ଡ ନ ପାଇ ହତାଶ

ଭଦ୍ରକ ଅଫିସ, ୧୨।୩

ରାଜନେତାଙ୍କ ଚାପରେ ବହୁ ଥିଲାବାଲା ପରିବାର ରାଶନ କାର୍ଡ ହାତେଇ ଖାଉଟି ସାମଗ୍ରୀ ଲୁଟି ନେଉଛନ୍ତି। ଜିଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠ ପକ୍ଷରୁ ଏହି ଅନିୟମିତତାର ତଦନ୍ତ କରିବାକୁ ନିର୍ଦ୍ଦେଶ ଦିଆଯିବା ସତ୍ତ୍ୱେ ବ୍ଲକ ପ୍ରଶାସନ ଏହାକୁ ଅଣଦେଖା କରି ଚାଲିଛି। ରାଶନ କାର୍ଡ ଅନିୟମିତତାର ଯାଞ୍ଚ କରି କୌଣସି ହିତାଧିକାରୀଙ୍କୁ ବାଦ ଦେବାକୁ ଜିଲା ପ୍ରଶାସନଠାରୁ ଆରମ୍ଭ କରି ବ୍ଲକ ପ୍ରଶାସନ ପର୍ଯ୍ୟନ୍ତ ସମସ୍ତେ ଭୟ କରୁଥିବା ଚର୍ଚ୍ଚା ହେଉଛି। ଅନ୍ୟପକ୍ଷେ ସ୍ଥାନୀୟ ରାଜନେତାଙ୍କ ଇଙ୍ଗିତରେ ତଦନ୍ତ ନିର୍ଦ୍ଦେଶ ବାଟବଣା ହୋଇପଡିଥିବା ବହୁ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏଭଳି ଅବ୍ୟବସ୍ଥା ଯୋଗୁ ଅନେକ ଯୋଗ୍ୟ ହିତାଧିକାରୀ କାର୍ଡ ନ ପାଇ ସରକାରୀ ଯୋଜନାରୁ ସୁଫଳ ପାବାରେ ବଞ୍ଚିତ ହେଉଥିବା ଦର୍ଶାଇଛନ୍ତି।

ରାଶନ କାର୍ଡ ଯୋଗାଣରେ ଅନିୟମିତତା ଘଟଣା ଏକଦା ରାଜ୍ୟରେ ଚର୍ଚ୍ଚିତ ପ୍ରସଙ୍ଗ ହୋଇଥିଲା। ସେତେବେଳେ ରାଜ୍ୟ ଯୋଗାଣ ବିଭାଗ ପକ୍ଷରୁ ଏହାର ତଦନ୍ତ କରାଇବାକୁ କୁହାଯାଇଥିଲା। ତଦନୁଯାୟୀ ଜିଲାପାଳ ଜାରି କରିଥିବା ନିର୍ଦ୍ଦେଶନାମାକୁ ଭିତ୍ତିକରି ୨୦୧୭ ଡିସେମ୍ବର ୩୦ତାରିଖ ସୁଦ୍ଧା ଜିଲାର ସମସ୍ତ ବ୍ଲକରେ ସ୍ୱତନ୍ତ୍ର ଟିମ ଗଠନ ବ୍ୟବସ୍ଥା ହୋଇଥିଲା। ଉକ୍ତ ଟିମ୍ ପକ୍ଷରୁ ଯାଞ୍ଚ ପରେ ସମସ୍ତ ଅଯୋଗ୍ୟଙ୍କୁ ବାଦ ଦିଆଯିବ ବୋଲି କୁହାଯାଇଥିଲା। ଭଦ୍ରକ ଜିଲାରେ ଏହି ପ୍ରକ୍ରିୟା ସମ୍ପୂର୍ଣ୍ଣ ଫେଲ୍ ମାରିଛି। ପ୍ରଶାସନିକ ନିର୍ଦ୍ଦେଶନାମାକୁ ୨ ବର୍ଷ ବିତିଯାଇଥିଲେ ବି ବ୍ଲକର ଅଫିସରମାନେ ନୀରବଦ୍ରଷ୍ଟା ସାଜି ବସିଛନ୍ତି।

ଉଲ୍ଲେଖନୀୟ ଯେ, ଭଦ୍ରକ ବ୍ଲକ ବଣିଆଁ ପଞ୍ଚାୟତରେ ଅଯୋଗ୍ୟ ହିତାଧିକାରୀଙ୍କୁ ଚିହ୍ନଟ କରିବା ସକାଶେ ଭଦ୍ରକ ବିଡିଓଙ୍କ ପକ୍ଷରୁ ୩ଜଣ ଅଧିକାରୀଙ୍କୁ କୁହାଯାଇଥିଲା। ଅଭିଯୋଗ ମୁତାବକ ପଞ୍ଚାୟତରେ ୩ମହଲା କୋଠା ଥିବା ବ୍ୟକ୍ତି, ସରକାରୀ ଚାକିରିଆ, ୪ଚକିଆ ଯାନ ଥିବା ଓ ବିଦେଶରେ ରହୁଥିବା ଲୋକଙ୍କ ସମେତ କେତେକ ମୃତବ୍ୟକ୍ତିଙ୍କ ନାଁ ରେ ରାଶନକାର୍ଡ କରାଯାଇ କେତେକ ଯୋଗ୍ୟ ହିତାଧିକାରୀଙ୍କୁ ବାଦ ଦିଆଯାଇ ଥିବା ଅଭିଯୋଗ ହୋଇଥିଲା। ଏ ସମ୍ପର୍କରେ ଗ୍ରାମବାସୀ ୨୦୧୬ ଡିସେମ୍ବରରେ ଜିଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ଲିଖିତ ଅଭିଯୋଗ କରିଥିଲେ । ଜିଲାପାଳ ଭଦ୍ରକ ବ୍ଲକ ପ୍ରଶାସନକୁ ଏହି ଘଟଣାର ତଦନ୍ତ କରାଇବାକୁ ନିର୍ଦ୍ଦେଶ ଦେଇଥିଲେ। ତଦନୁଯାୟୀ ଅତିରିକ୍ତ ବିଡିଓ ,ବଣିଆଁ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ,ବ୍ଲକର ପୋଗ୍ରେସିଭ ଆସିଷ୍ଟାଣ୍ଟ ଅଧିକାରୀଙ୍କୁ ଘଟଣାର ମିଳିତ ତଦନ୍ତ କରି ୭ଦିନ ମଧ୍ୟରେ ରିପୋର୍ଟ ଦେବାକୁ ଭଦ୍ରକ ବିଡିଓ କହିଥିଲେ। ହେଲେ ଏହି ନିର୍ଦ୍ଦେଶକୁ କେହି ମାନିଲେ ନାହିଁ। ଏନେଇ ଧରିତ୍ରୀରେ ଖବର ପ୍ରକାଶନ ପରେ ୭ଦିନ ଭିତରେ ପୁନଃ ତଦନ୍ତ କରିବା ସକାଶେ ଅନ୍ୟ ଏକ ନିର୍ଦ୍ଦେଶନାମା ଜାରି ହୋଇଥିଲା । ଏହାମଧ୍ୟରେ ବର୍ଷେ ବିତଲାଣି। ଘଟଣାର ତଦନ୍ତ ହେଉନି କି ଅଯୋଗ୍ୟ ବାଦ୍ ପଡୁନାହାନ୍ତି । ଏଭଳି ସମସ୍ୟା ନେଇ ଗ୍ରାମବାସୀ ୪ରୁ ଅଧିକ ଥର ଜିଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠର ଦ୍ୱାରସ୍ଥ ହୋଇଥିବା କହିଛନ୍ତି। ଜିଲା ଯୋଗାଣ ଅଧିକାରୀ ଅଶୋକ ମାଝୀଙ୍କୁ ଏ ସମ୍ପର୍କରେ ପଚାରିବାରୁ ଖୁବ୍‌ଶୀଘ୍ର ପଦକ୍ଷେପ ନିଆଯାଇ ଅଯୋଗ୍ୟଙ୍କୁ ରାଶନ କାର୍ଡ ତାଲିକାରୁ ବାଦ୍ ଦିଆଯିବ ବୋଲି କହିଛନ୍ତି।


ଧାମରା ବନ୍ଦର ଆଖପାଖ ଗାଁ ପରିକ୍ରମା କରୁଛନ୍ତି ଡିଏଭି ପବ୍ଲିକ ସ୍କୁଲର ଛାତ୍ରୀଛାତ୍ର।

## ‘କମ୍ୟୁନିଟ୍ ସର୍ଭିସ କାର୍ଯ୍ୟକ୍ରମ’
# ତଥ୍ୟ ସଂଗ୍ରହ କଲେ ଛାତ୍ରୀଛାତ୍ର

ଭଦ୍ରକ ଅଫିସ,୧୨।୩

ଭଦ୍ରକ ଜିଲାର ଧାମରା ବନ୍ଦର ଓ ଏହା ଆଖପାଖରେ ଭୁବନେଶ୍ୱର ଚନ୍ଦ୍ରଶେଖରପୁରସ୍ଥିତ ଡିଏଭି ପବ୍ଲିକ ସ୍କୁଲର ଛାତ୍ରୀଛାତ୍ରଙ୍କ ପକ୍ଷରୁ ୩ଦିନିଆ ‘କମ୍ୟୁନିଟ୍ ସର୍ଭିସ କାର୍ଯ୍ୟକ୍ରମ’ କରାଯାଇଥିଲା। ଡିଏଭି ପବ୍ଲିକ ସ୍କୁଲ୨୦୦ ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଓ ୩୫ ଶିକ୍ଷୟିତ୍ରୀ ଶିକ୍ଷକ ଗତ ୯ ତାରିଖରେ ଆସି ଆଦାନୀ ଡିଏଭି ପବ୍ଲିକ ସ୍କୁଲଠାରେ ପହଞ୍ଚିଥିଲେ। ଏହି ଅବସରରେ ଛାତ୍ରୀଛାତ୍ର ପ୍ରଥମେ କୁଆଁମରା ଗ୍ରାମ ପରିଦର୍ଶନ କରିଥିଲେ । ୯ ରୁ ୧୧ ତାରିଖ ପର୍ଯ୍ୟନ୍ତ ସେମାନେ ଧାମରା ପାର୍ଶ୍ୱବର୍ତ୍ତୀ ଗ୍ରାମଗୁଡ଼ିକୁ ଯାଇ ବିଭିନ୍ନ ଗୋଷ୍ଠୀ ଉନ୍ନୟନ କାର୍ଯ୍ୟକ୍ରମ କରିଥିଲେ। ପ୍ରଥମ ଦିନରେ କରଣପଲ୍ଲୀ ପଞ୍ଚାୟତର କୁଆଁମରା ଗ୍ରାମବାସୀଙ୍କୁ ସ୍ଥାନୀୟ କଳାସଂସ୍କୃତି, ଚାଲିଚଳନ ଇତ୍ୟାଦି ବିଷୟରେ ପଚାରି ବୁଝିଥିଲେ। ଏହି ଅବସରରେ ସଡ଼କ ସୁରକ୍ଷା ସମ୍ପର୍କିତ ପଥପ୍ରାନ୍ତ ନାଟକ ପରିବେଷଣ କରାଯାଇଥିଲା। ୨ୟ ଦିନ ଏହି ଦଳ ଦୋସିଙ୍ଗା ପଞ୍ଚାୟତର ଚନ୍ଦନିପାଳସ୍ଥିତ ମତ୍ସ୍ୟକେନ୍ଦ୍ର ଓ ଶୁଖୁଆଖଳା ଆଦି ବୁଲି ମତ୍ସ୍ୟଜୀବୀଙ୍କ ଜୀବନ ଜୀବିକା ଉପରେ ସୂଚନା ସଂଗ୍ରହ କରିଥିଲେ । ପରେ ଉଡ଼ାନ କାର୍ଯ୍ୟକ୍ରମରେ ସେମାନେ ବନ୍ଦର ବୁଲିବା ସହ ପରିଚାଳନା ପଦ୍ଧତି ଉପରେ ତଥ୍ୟ ସଂଗ୍ରହ କରିଥିଲେ। ଶେଷ ଦିବସରେ ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ଆଦାନୀ ପବ୍ଲିକ ସ୍କୁଲର ଶିକ୍ଷୟିତ୍ରୀ ଶିକ୍ଷକ ଓ ଧାମରା ପୋର୍ଟର କର୍ମକର୍ତ୍ତାମାନେ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

# ମା’ ରକ୍ଷାକାଳୀଙ୍କ ପୀଠରୁ ବିଜୟ ସଙ୍କଳ୍ପ ଅଭିଯାନ

ଧାମନଗର,୧୨।୩(ଡି.ଏନ.ଏ.)

ନିର୍ବାଚନ ତାରିଖ ଘୋଷଣା ପରେ ଭଦ୍ରକ ଜିଲା ଧାମନଗର ନିର୍ବାଚନ ମଣ୍ଡଳୀରେ ରାଜନୈତିକ ଉଷ୍ମତା ବୃଦ୍ଧି ପାଇଛି। ବିଭିନ୍ନ ରାଜନୈତିକ ଦଳ ନିଜ ନିଜର ସାଂଗଠନିକ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଭାଜପା ରାମେଶ୍ୱରପୁରସ୍ଥିତ ମା’ ରକ୍ଷାକାଳୀଙ୍କ ପୀଠରୁ ବିଜୟ ସଙ୍କଳ୍ପ ଅଭିଯାନ ଆରମ୍ଭ କରିଛି। ଭଗବାନପୁର ପଞ୍ଚାୟତର ଇଚ୍ଛାଦାଠାରେ ଗ୍ରାମୀଣ ମଣ୍ଡଳ ସଭାପତି ଦୀପ୍ତିରଞ୍ଜନ ଜେନାଙ୍କ ଅଧ୍ୟକ୍ଷତାରେ ଏକ ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଥିଲା। ରାଜ୍ୟ ଉପସଭାପତି ପୂର୍ବତନ ବିଧାୟକ ବିଷ୍ଣୁ ସେଠୀ, ଜିଲା ଉପସଭାପତି ଚତୁର୍ଭୁଜ ନାୟକ, ଜିଲା ପରିଷଦ ସଭ୍ୟ ମନୋରଞ୍ଜନ ମଲ୍ଲିକ, ସୁରଥ ସେଠୀ, ସଭ୍ୟା ରଞ୍ଜିତା ସ୍ୱାଇଁ, ବିଧାନସଭା ପ୍ରଭାରୀ ବୁଦ୍ଧଦେବ ଜେନା, ମିଡ଼ିଆସେଲ ଜିଲା ସଂଯୋଜକ ବୈକୁଣ୍ଠ ନାଥ ସାହୁ ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗ ଦେଇ ବିଜୟ ସଙ୍କଳ୍ପ ଅଭିଯାନ ସମ୍ପର୍କରେ ସୂଚନା ଦେଇଥିଲେ। ସେହିପରି ମଣ୍ଡଳ ସଭାପତି ଅରବିନ୍ଦ ପତି, ରାମଚନ୍ଦ୍ର ମିଶ୍ର, ବିସ୍ତାରକ ବିମ୍ବାଧର ସାହୁ, ଯୁବନେତା ଶ୍ରୀକାନ୍ତ ନାୟକ, ସରପଞ୍ଚ ପ୍ରମୋଦ ସୂତାର, ପ୍ରଫୁଲ୍ଲ ପାତ୍ର, ରାଜୀବ ନାୟକ, ବୀରେନ୍ଦ୍ର ବାରିକ, ବିଜୟ ଦାସ, ଅମର ବେହେରା, ସମିତିସଭ୍ୟ ସ୍ମୃତି ରଞ୍ଜନ ପଣ୍ଡା, ରମେଶ ପତି, ଆଇଟିସେଲ ଜିଲା ସଂଯୋଜକ ପ୍ରଶାନ୍ତ ନାୟକ, ହିମାଂଶୁ ରାଉତରାୟ, ସୁବ୍ରତ ମଲ୍ଲିକ, ସୁଦର୍ଶନ ସାମଲ, କାଳନ୍ଦୀ ମଲ୍ଲିକ ପ୍ରମୁଖ ଯୋଗଦେଇ ନରେନ୍ଦ୍ର ମୋଦି ସରକାରଙ୍କ ବିଭିନ୍ନ ସଫଳ ଯୋଜନାର ବାର୍ତ୍ତା ଜନସାଧାରଣଙ୍କ ନିକଟରେ ପହଞ୍ଚାଇବା ଉପରେ ଆଲୋକପାତ କରିଥିଲେ। ରାଜ୍ୟରେ ସ୍ଥାଣୁ ନବୀନ ସରକାରକୁ ଗାଦିଚ୍ୟୁତ କରାଇବା ପାଇଁ ସଭାରେ ସଂକଳ୍ପ ନିଆଯାଇଥିଲା । ଏହି ଅବସରରେ ବ୍ଲକ ଅନ୍ତର୍ଗତ ଜାହାଙ୍ଗୀର, କୋରୁଆ, ରାଧାବଲ୍ଲଭପୁର, ଅରୁଣ ବଜାର, ଖଙ୍ଗରା, ଦିହୁଡ଼ି ଆନନ୍ଦପୁର ଆଦି ସ୍ଥାନରେ ସଂକଳ୍ପ ଅଭିଯାନ ଅନୁଷ୍ଠିତ ହୋଇଥିଲା।

# ସ୍କୁଲ ଜାଗାରୁ ଗଛ ଚୋରିକୁ ଘଣ୍ଟ ଘୋଡ଼ାଉଛି ବନ ବିଭାଗ

ବାସୁଦେବପୁର, ୧୨।୩ (ଡି.ଏନ.ଏ.)

ଭଦ୍ରକ ଜିଲା ବାସୁଦେବପୁରର ସର୍ବପୁରାତନ ଶିକ୍ଷାନୁଷ୍ଠାନ ଅଟଳବିହାରୀ ହାଇସ୍କୁଲ ଜାଗାରୁ ଏକ ପୁରାତନ ଆମ୍ବ ଗଛକୁ କାଠ ଚୋରମାନେ କାଟି ନେବାର ୧୫ ଦିନ ଅତିକ୍ରାନ୍ତ ହେଲାଣି। ବନବିଭାଗ ଖୋଳତାଡ କରିବା ପରିବର୍ତ୍ତେ ଏହାକୁ ଘଣ୍ଟ ଘୋଡାଇବା ଲାଗି ଉଦ୍ୟମ କରୁଥିବା ଅଭିଯୋଗ ହୋଛି। ଜଙ୍ଗଲ ଓ ପରିବେଶ ବିଭାଗ ମନ୍ତ୍ରୀଙ୍କ ନିଜ ସହର ବାସୁଦେବପୁରରେ ଏହି ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ବାସୁଦେବପୁର ସହରର ଏହି ପୁରାତନ ଶିକ୍ଷାନୁଷ୍ଠାନ ପରିସରରୁ ଗଛ କାଟି ନିଆଯିବା ଘଯଣା ସମ୍ପର୍କରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଯାମିନୀକାନ୍ତ ପାଢୀ ଲିଖିତ ଭାବେ ତହସିଲଦାର, ବାସୁଦେବପୁର ଥାନା, ପୌରାନିର୍ବାହୀ ଅଧିକାରୀ ତଥା ବନ୍ୟପ୍ରାଣୀ ବିଭାଗ ଅଧିକାରୀଙ୍କୁ ଜଣାଇଥିଲେ। ଏ ଦିଗରେ ଏଯାଏ କୌଣସି ପଦକ୍ଷେପ ନିଆଯାଇ ନ ଥିବାରୁ ସାଧାରଣ ବୁଦ୍ଧିଜୀବୀ, ପୁରାତନ ଛାତ୍ର, ଅଭିଭାବକ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି । ଏହି ଗଛଟିକୁ କିଏ କିପରି କାଟିନେଲେ ତାହାର ତଦନ୍ତ କରାଗଲେ ବହୁ ରହସ୍ୟ ପଦାକୁ ଆସିବ ବୋଲି ବାସୁଦେବପୁରର ବରିଷ୍ଠ ନାଗରିକ ଇଂ ମାଧବଚନ୍ଦ୍ର ମହାନ୍ତି କହିଛନ୍ତି। ଗଛଚୋରି ଘଟଣା ସମ୍ପର୍କରେ ପ୍ରଧାନଶିକ୍ଷକଙ୍କୁ ପଚାରିବାରୁ ଏ ଦିଗରେ ତଦନ୍ତ ଓ କାର୍ଯ୍ୟାନୁଷ୍ଠାନର ଆବଶ୍ୟକତା ଅଛି ବୋଲି କହିଛନ୍ତି। ବାସୁଦେବପୁର ବନବିଭାଗ ରେଞ୍ଜର ପୂର୍ଣ୍ଣଚନ୍ଦ୍ର ପଣ୍ଡାଙ୍କୁ ପଚାରିବାରୁ ଘଟଣାର ତଦନ୍ତ କରାଯିବ ବୋଲି କହି ଅନ୍ୟ କୌଣସି ସୂଚନା ଦେଇ ନ ଥିଲେ।

# ଚୋରା ମଦ ବେପାରୀ ଗିରଫ

ବାସୁଦେବପୁର, ୧୨।୩(ଡି.ଏନ.ଏ.)

ଭଦ୍ରକ ଜିଲା ବାସୁଦେବପୁର ଥାନା ଇରମ ପଞ୍ଚାୟତ ରଥପଦା ବଜାରରୁ ବାସୁଦେବପୁର ପୋଲିସ ସୋମବାର ରାତିରେ ଚଢ଼ାଉ କରି ସ୍ଥାନୀୟ ରଥପଦା ଗ୍ରାମର ଶ୍ରୀହରି ଦାସ ନାମକ ଜଣେ ବ୍ୟକ୍ତିଙ୍କୁ ଚୋରା ମଦ ବେପାର କରୁଥିବା ଅଭିଯୋଗରେ ଗିରଫ କରିଛି। ତାଙ୍କ ନିକଟରୁ ୩୦ ଲିଟର ଚୋରା ଦେଶୀ ମଦ ଜବତ ହୋଇଛି।

## ସଂକ୍ଷେପରେ

### ପ୍ରେମ ପ୍ରତାରଣାର ଶିକାର ଯୁବତୀ ଥାନାର ଦ୍ୱାରସ୍ଥ

ପଦ୍ମପୁର,୧୨।୩(ଡି.ଏନ.ଏ.): ଭଦ୍ରକ ଜିଲା ବାସୁଦେବପୁର ଅଞ୍ଚଳର ଜଣେ ଯୁବତୀ ପ୍ରେମପ୍ରତାରଣାର ଶିକାର ହୋଇ ଏବେ ନ୍ୟାୟ ପାଇବାକୁ ପୋଲିସର ଦ୍ୱାରସ୍ଥ ହୋଇଛନ୍ତି। ମଙ୍ଗଳବାର ଏହି ଯୁବତୀ ବାସୁଦେବପୁର ଥାନାକୁ ଯାଇ ଜଗନ୍ନାଥପୁର ଗ୍ରାମର ଜଣେ ଯୁବକ ତାଙ୍କୁ ବିବାହ କରିବାକୁ ପ୍ରତିଶ୍ରୁତି ଦେଇ ୩ ବର୍ଷ ଧରି ନାନା ଭାବେ ହଇରାଣ ଓ ଶୋଷଣ କରି ଆସିଥିବା ଦର୍ଶାଇଛନ୍ତି। ଶେଷରେ ସେ ବିବାହ ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରି ସୋର ଅଞ୍ଚଳର ଅନ୍ୟ ଜଣେ ଯୁବତୀଙ୍କୁ ବିବାହ କରିବାକୁ ଉଦ୍ୟମ କରୁଥିବା ପୀଡିତା ବାସୁଦେବପୁର ଥାନାରେ କରିଥିବା ଅଭିଯୋଗରେ ଦର୍ଶାଇଛନ୍ତି। ବାସୁଦେବପୁର ପୋଲିସ ଯୁବତୀଙ୍କ ଏତଲା କ୍ରମେ ଘଟଣାର ତଦନ୍ତ କରୁଥିବା କହିଛି।

### ପାଣିରେ ପଡି ଶିଶୁଙ୍କ ମୃତ୍ୟୁ

ବାସୁଦେବପୁର, ୧୨।୩(ଡି.ଏନ.ଏ.): ଭଦ୍ରକ ଜିଲା ବାସୁଦେବପୁର ଥାନା ଅଧୀନ ଲୁଙ୍ଗା ପଞ୍ଚାୟତର ନୂଆସାହି ଗାଁରେ ମଙ୍ଗଳବାର ମଧ୍ୟାହ୍ନରେ ପୋଖରୀ ପାଣିରେ ପଡି ଜଣେ ୬ ବର୍ଷର ଶିଶୁଙ୍କ ମୃତ୍ୟୁ ଘଟିଛି। ମୃତ ଶିଶୁ ହେଲେ ତିହିଡି ଥାନା ଅଧୀନସ୍ଥ ଲଞ୍ଜା ଗ୍ରାମର ପ୍ରିୟା ମଳିକ। ସେ ଅଜାଙ୍କ ଘରେ ରହି ଆସୁଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇଛି।

### ରାଜପଥ କ୍ୟାବିନରୁ ଚୋରି, ଅଭିଯୁକ୍ତ ଗିରଫ

ଭଣ୍ଡାରିପୋଖରୀ,୧୨।୩(ଡିଏନଏ):ଭଦ୍ରକ ଜିଲା ଛତାବର ନିକଟ ୧୬ନଂ ଜାତୀୟ ରାଜପଥ ପାର୍ଶ୍ୱ କ୍ୟାବିନରୁ ଚୋରି କରିବା ଅଭିଯୋଗରେ ପୋଲିସ ଯାଜପୁର ଜିଲା ବରି ଥାନା ଅନ୍ତର୍ଗତ ଅରୁଆଳ ଗ୍ରାମର ଶେଖ ଅଖତାର(୨୬)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗତ ସୋମବାର ରାତ୍ରରେ ଏହି ଚୋରି ଘଟଣା ଘଟିଥିଲା। ପୋଲିସ ଏହାର ତଦନ୍ତ କରି ଅଭିଯୁକ୍ତଙ୍କୁ ଗିରଫ କରିବା ସହ ଚୋରିରେ ବ୍ୟବହୃତ ବାଇକ ଜବତ କରିଛି। ଏ ନେଇ ଥାନାରେ ଏକ ମାମଲା (ନଂ.୪୦/୧୯) ମାମଲା ରୁଜୁ ହୋଇଛି।

### ଦୋକାନ ଉପରକୁ ମାଡ଼ିଗଲା ବୋଲେରୋ

ବାସୁଦେବପୁର/ପଦ୍ମପୁର, ୧୨।୩(ଡି.ଏନ.ଏ.): ଭଦ୍ରକ ଜିଲା ବାସୁଦେବପୁର-ପଦ୍ମପୁର ରାସ୍ତାର ନିଉ ଇଣ୍ଡିଆ ସାହି ଛକ ନିକଟରେ ଏକ ବୋଲେରୋ ଦୁର୍ଘଟଣାଗ୍ରସ୍ତ ହୋଇଛି। ଗାଡିଟି ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱ ଡ୍ରେନରେ ପଶି ରାସ୍ତାକଡ଼ରେ ଥିବା ଏକ ଦୋକାନ ଘର ଉପରକୁ ମାଡ଼ିଯାଇଥିଲା। ଗାଡ଼ିରେ ଥିବା ୩ ଜଣ ଏହି ଦୁର୍ଘଟଣାରେ ଆହତ ହୋଇଛନ୍ତି। ଘଟଣା ସ୍ଥଳରୁ ଚାଳକ ଫେରାର ହୋଇଛନ୍ତି। ବାସୁଦେବପୁର ପୋଲିସ ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ ଜବତ କରି ଆହତଙ୍କୁ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ପଠାଇଛି।

### ମୋବାଇଲ ଟ୍ରାକିଂରୁ ଧରା ପଡ଼ିଲା ଚୋର

ବାସୁଦେବପୁର, ୧୨।୩(ଡି.ଏନ.ଏ.): ଭଦ୍ରକ ଜିଲା ବାସୁଦେବପୁର ଥାନା ଇରମ ବଜାରରୁ ୭ ମାସ ପୂର୍ବେ ଏକ ମୋବାଇଲ ଓ ଲୁଗା ଦୋକାନରୁ ଚୋରି ହୋଇଥିଲା। ଏହି ଘଟଣାର ତଦନ୍ତ କରୁଥିବା ପୋଲିସ ମୋବାଇଲ ଟ୍ରାକିଂ କରି ଚୋରି ସାମଗ୍ରୀ ଉଦ୍ଧାର କରିଛି । ଏହି ଘଟଣାରେ କଷିଆ ସାମୁଦ୍ରିକ ଥାନା ଅଧୀନ ବିଦେଇପୁର ଗ୍ରାମର ଟିକୁ ଓରଫ ଚିନ୍ମୟ ମଲିକ(୨୪)ଙ୍କୁ ପୋଲିସ ଗିରଫ କରି ମଙ୍ଗଳବାର କୋର୍ଟକୁ ପଠାଇଛି। ପୋଲିସ ସୂଚନା ଅନୁଯାୟୀ ଗତ ତା୧୪।୭।୨୦୧୮ ରିଖରେ ଇରମ ବଜାରର ମାନସ ପଣ୍ଡାଙ୍କ ଲୁଗାଦୋକାନ ଓ ପ୍ରଦୀପ ମହାନ୍ତିଙ୍କର ମୋବାଇଲ ଦୋକାନରୁ ଚୋରି ହୋଇଥିଲା। ଚୋରମାନେ ଆଜବେଷ୍ଟସ ଓ ସିଲିଂ କାଟି ଦୋକାନରୁ ଲୁଗା ଓ ମୋବାଇଲ ଚୋରି କରି ନେଇଥିଲେ। ଏ ସମ୍ପର୍କରେ ଦୁଇ ଦୋକାନୀ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ମାମଲା(ନଂ.୧୭୧/୧୮) ରୁଜୁକରି ତଦନ୍ତ କରୁଥିଲା । ଚୋରି ହୋଇଥିବା ମୋବାଇଲକୁ ଟ୍ରାକିଂ କରି ପୋଲିସ ଚୋରଙ୍କୁ ଧରିବାରେ ସଫଳ ହୋଇଛି। ଏଏସ୍‌ଆଇ ବିନୋଦ ବିହାରୀ ହେମ୍ବ୍ରମ ଘଟଣାର ତଦନ୍ତ କରୁଥିଲେ।



# ସେଲ୍ଫି କର୍ଣ୍ଣର


ଭବତୋଷ


ବିକାଶ


ଦୟାନିଧି


ମାନସ


ସତ୍ୟ


ପ୍ରତ୍ୟୁଷ

ସେଲ୍ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ | balasoreselfie@gmail.com (ନିର୍ବାଚିତ ସେଲ୍ଫି ପ୍ରକାଶ ପାଇବ)

# ବୃଦ୍ଧଙ୍କୁ ନକଲି କାର୍ଯ୍ୟାଦେଶ ଦେଇ ପ୍ରତାରଣା

ଭଦ୍ରକ ଅଫିସ,୧୨।୩

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ପକ୍ଷରୁ ପାଇଖାନା ନିର୍ମାଣ ନିମନ୍ତେ ବ୍ରାହ୍ମଣୀଗାଁ ପଞ୍ଚାୟତ ଅନ୍ତର୍ଗତ ବଉଳପୁର ଗାଁର ଦୋଳଗୋବିନ୍ଦ ପାଣିଗ୍ରାହୀ ନାମକ ଜଣେ ବୃଦ୍ଧଙ୍କୁ କାର୍ଯ୍ୟାଦେଶ ଦିଆଯାଇ ଏବେ ଫାଙ୍କି ଦିଆଯାଉଛି। ସମ୍ପୃକ୍ତ ହିତାଧିକାରୀ ପାଇଖାନା ନିର୍ମାଣ କରି ଟଙ୍କା ପାଇଁ ବାରମ୍ବାର ବ୍ଲକ ଅଫିସକୁ ଧାଇଁ ହତାଶ ହୋଇଛନ୍ତି। ବର୍ତ୍ତମାନ ଏହି କାର୍ଯ୍ୟାଦେଶ ନକଲି ବୋଲି କୁହାଯାଉଥିବା ସେ ଅଭିଯୋଗ କରିଛନ୍ତି। ଦୋଳଗୋବିନ୍ଦ ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି ଯେ, ବ୍ଲକ ପ୍ରଶାସନ ପକ୍ଷରୁ ତା୨୯।୧।୨୦୧୯ ରିଖରେ ତାଙ୍କୁ ପାଇଖାନା ନିର୍ମାଣ ଲାଗି କାର୍ଯ୍ୟାଦେଶ (ନଂ. ୧୨୬ ) ଦେଇଥିଲେ। ମହାତ୍ମାଗାନ୍ଧୀ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ମାଧ୍ୟମରେ ଏହି କାର୍ଯ୍ୟାଦେଶ ପାଇ ପାଇଖାନା ନିର୍ମାଣ କରିଥିଲେ। ପରେ ବ୍ଲକ ପକ୍ଷରୁ ତାଙ୍କୁ ଟଙ୍କା ଦିଆ ନ ଯିବାରୁ ସେ ପ୍ରତାରଣାର ଶିକାର ହୋଇଥିବା ଆଶଙ୍କା କରି ବ୍ଲକରୁ ଜିଲାପାଳଙ୍କ ଅଫିସ ପର୍ଯ୍ୟନ୍ତ ଦୌଡି ଅଭିଯୋଗ କରିଥିଲେ। ପାଇଖାନା ନିର୍ମାଣ ବାବଦ ପ୍ରାପ୍ୟ ନ ପାଇବାରୁ ଶେଷରେ ମଙ୍ଗଳବାର ଦୋଳଗୋବିନ୍ଦ ଜିଲାପାଳଙ୍କ ଅଫିସ୍‌କୁ ଆସି କନ୍ଦାକଟା କରିଥିଲେ। ସେ ପାଇଥିବା କାର୍ଯ୍ୟାଦେଶ ନକଲି ବୋଲି କୁହାଯିବାରୁ ସେ ହତଚକିତ ହୋଇ ଘଟଣାର ତଦନ୍ତ କରିବାକୁ ଜିଲାପାଳଙ୍କୁ ନିବେଦନ କରିଛନ୍ତି।



ଜିଲାପାଳଙ୍କ ଅଫିସ୍ ସମ୍ମୁଖରେ ଦୋଳଗୋବିନ୍ଦ।

# ଆଗରପଡ଼ା ମହୋତ୍ସବ ଉଦ୍‌ଘାଟିତ

ବନ୍ତ,୧୨।୩(ସ୍ୱ.ପ୍ର.)

ଭଦ୍ରକ ଜିଲା ବନ୍ତ ବ୍ଲକ ଆଗରପଡାସ୍ଥିତ ହେମପଦ୍ମ ଗାଲାକ୍ସି ଠାରେ ସୋମବାର ସନ୍ଧ୍ୟାରେ ୪ର୍ଥ ବାର୍ଷିକ ଉତ୍କଳ କେଶରୀ ଆଗରପଡ଼ା ମହୋତ୍ସବ ଉଦ୍‌ଘାଟିତ ହୋଇ ଯାଇଛି। ଆଗରପଡ଼ା ମାଟିର କଳା, ସଂସ୍କୃତି ଓ ଐତିହ୍ୟ ମହାନ୍। ଏଭଳି ମହୋତ୍ସବ ଅଞ୍ଚଳର ଗୌରବ ବୃଦ୍ଧିରେ ସହାୟକ ହେବା ସହ ନୂତନ କଳାକାରଙ୍କୁ ଉତ୍ସାହିତ କରିବ ବୋଲି ବକ୍ତାମାନେ ମତ ବ୍ୟକ୍ତ କରିଥିଲେ। ଭଦ୍ରକ ଶହୀଦ ଭଗତସେନା ଆବାହକ ତଥା ସମାଜସେବୀ ସୀତାଂଶୁ ଶେଖର ମହାପାତ୍ର ତାଙ୍କ ବକ୍ତବ୍ୟରେ ମହୋତ୍ସବ ସମ୍ପର୍କରେ ଆଲୋକପାତ କରି କହିଥିଲେ, ଉତ୍କଳ କେଶରୀ ଡ.ହରେକୃଷ୍ଣ ମହତାବଙ୍କ ଜନ୍ମମାଟି ଆଗରପଡ଼ା । ଏଠାରେ ତାଙ୍କ ପ୍ରତିମୂର୍ତ୍ତି ସ୍ଥାପନକୁ ନେଇ ରାଜନୀତି କରାଯିବା ଦୁର୍ଭାଗ୍ୟଜନକ। ଉଦ୍‌ଘାଟନ ଉତ୍ସବରେ ବିଶ୍ୱପ୍ରସିଦ୍ଧ ବରଗଡ଼ ଧନୁଯାତ୍ରାର କଂସ ମହାରାଜ ଭୂମିକାରେ ଅଭିନୟ କରିଥିବା ବିଶିଷ୍ଟ କଳାକାର ଗୋପାଳ ସାହୁଙ୍କ ଗୁରୁଗମ୍ଭୀର ସଂଳାପ ଦର୍ଶକମାନଙ୍କୁ ବିମୋହିତ କରିଥିଲା। ସମ୍ମାନନୀୟ ଅତିଥି ତଥା କମିଟିର ଉପଦେଷ୍ଟା ଶିକ୍ଷାବିତ୍ ରଥ ବେହେରା, ହରମୋହନ ପଣ୍ଡା, ସହସମ୍ପାଦକ ଗୋପାଳ କୃଷ୍ଣ ଦାଶ, ସମାଜସେବୀ ପଦ୍ମନାଭ ପଣ୍ଡା, ଉପ ସଭାପତି ନୀରଜ ଆଇଚ ପ୍ରମୁଖ ସଂସ୍କୃତି, ପରମ୍ପରା ସୁରକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ। ମହୋତ୍ସବ କମିଟିର ସଭାପତି ମନୋଜ ରାୟ ଏଥିରେ ସଭାପତିତ୍ୱ କରିଥିଲେ। ଆଇନଜୀବୀ ଚିନ୍ମୟ ମହାପାତ୍ର ଅତିଥିମାନଙ୍କୁ ମଞ୍ଚକୁ ଆହ୍ୱାନ କରିଥିବା ବେଳେ ହେମନ୍ତ ସିଂହ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ଶେଷରେ ଶିକ୍ଷାବିତ୍ କୈଳାସ ଧଳ ଧନ୍ୟବାଦ ଅର୍ପଣ କରିଥିଲେ। ସୁମତୀ ପଣ୍ଡାଙ୍କ ଉପସ୍ଥାପନାରେ ଭଏସ ଅଫ ଓଡ଼ିଶାର ସର୍ବେଶ୍ୱର ପଣ୍ଡା, ହିନ୍ଦୁସ୍ଥାନୀ କଣ୍ଠଶିଳ୍ପୀ ପ୍ରସନ୍ନ ବେହେରା, ଗଙ୍ଗାଧର ଜେନା, ରାଜେଶ୍ୱରୀ ପତି, ରଶ୍ମିତା ସାହୁ, ସାଇକୃଷ୍ଣା ସିଂହ, ପ୍ରମୁଖ ନୃତ୍ୟ ସଙ୍ଗୀତ ପରିବେଷଣ କରିଥିଲେ। ଏହି ମହୋତ୍ସବ ୮ ଦିନ ଧରି ଚାଲିବ ।



ଆଗରପଡ଼ା ମହୋତ୍ସବ ଉଦ୍‌ଘାଟନ ସମାରୋହରେ ଉପସ୍ଥିତ ଅତିଥି।

## ସଂକ୍ଷେପରେ

### ଚୋରାମଦ ବେପାରୀ ଗିରଫ

**ବଡ଼ସାହି,୧୨।୩(ସ୍ୱ.ପ୍ର.):** ବଡସାହି ପୋଲିସ ଚଡଉ କରି ବେଆଇନ ଭାବେ ଦେଶୀ ମଦ କାରବାର କରୁଥିବା ଦୁଇ ଅଭିଯୁକ୍ତଙ୍କଠାରୁ ୩୦ଲିଟର ଦେଶୀ ମଦ ଜବତ କରିବା ସହ ସୋମନଙ୍କୁ ଗିରଫ କରିଛି । ପ୍ରତାପପୁର ଗ୍ରାମର ରଘୁନାଥ ବାରିକଙ୍କଠାରୁ ୨୦ଲିଟର ଦେଶୀ ମଦ ଜବତ ହୋଇଥିବାବେଳେ ବଳଭଦ୍ରପୁର ଗ୍ରାମର ସର୍ବେଶ୍ୱର ମହାନ୍ତଙ୍କଠାରୁ ୧୦ଲିଟର ଦେଶୀ ମଦ ଜବତ ହୋଇଛି। ସେହିପରି ବଡ଼ସାହି ଥାନା ଥାନା ଅଧୀନ ପାଇକପଡା ଗ୍ରାମରେ ବେଆଇନ ଦେଶୀ ମଦ କାରବାର ଚାଲିଥିବା ସୂଚନା ପାଇ ପୋଲିସ ଚଢାଉ କରି ଭାସ୍କର ନାଏକ(୪୭) ନାମକ ଜଣେ ଚୋରା ମଦ ବେପାରୀଙ୍କୁ ଗିରଫ କରିଛି । ତାଙ୍କ ଠାରୁ ୧୦ଲିଟରରୁ ଅଧିକ ଦେଶୀ ମଦ ଜବତ ହୋଇଛି । ଏ ନେଇ ଥାନାରେ ଏକ ମାମଲା (ନଂ .୩୩/୧୯) ରୁଜୁ ହୋଇଛି ।

### ଛାତ୍ରୀଛାତ୍ରଙ୍କ ପାଇଁ ସ୍ୱାସ୍ଥ୍ୟ ଶିବିର

**ବଡ଼ସାହି,୧୨।୩(ସ୍ୱ.ପ୍ର):** ବଡ଼ସାହି ବ୍ଲକ ଅଧୀନ ଭୀମଦା ଜବାହର ହାଇସ୍କୁଲର ୧ମରୁ ୮ମ ଶ୍ରେଣୀର ଛାତ୍ରୀଛାତ୍ରଙ୍କ ପାଇଁ ଏକ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ଭୁବନେଶ୍ୱର ଆଇଏମ୍ଏସ୍ ପିଜି ଛାତ୍ରୀ ବିଶ୍ୱବନ୍ଦିତା ମହାନ୍ତି ଯୋଗଦେଇ ୨୦୦ପିଲାଙ୍କ ଦାନ୍ତ ଓ ମୁଖ ଗହ୍ୱରର ବିଭିନ୍ନ ପରୀକ୍ଷା କରିଛନ୍ତି । ଏହି ରୋଗର କାରଣ ଓ ନିରାକରଣ ସମ୍ପର୍କରେ ସେ ପିଲାମାନଙ୍କୁ ସଚେତନ କରିଛନ୍ତି । ଧୂମ୍ରପାନ, ଗୁଟ୍‌କା ଓ ପାନଠାରୁ ଦୂରେଇ ରହିବାକୁ ସେ ପରାମର୍ଶ ଦେବା ସହ ସର୍ବଦା ଦାନ୍ତ ଓ ମୁହଁର ଯତ୍ନ ନେବାକୁ କହିଛନ୍ତି । ଶିବରକୁ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ବାସୁଦେବ ମହାନ୍ତି, ଦୀପକ ତରେଇ ଓ ବିନୋଦ ନାଏକ ପରିଚାଳନା କରିଥିଲେ ।

### ୧୫ରୁ ଜିଲା ପରିକ୍ରମା କରିବ ଜ୍ୟୋତିରଥ

**ବାରିପଦା ଅଫିସ,୧୨।୩:** ମୟୂରଭଞ୍ଜ ଭାଷା,ସାହତ୍ୟ,କଳା ଓ ସଂସ୍କୃତି ଏବଂ ପର୍ଯ୍ୟଟନ ତଥା ଐତିହ୍ୟର ପ୍ରଚାର,ପ୍ରସାର ଏବଂ ସମୃଦ୍ଧି ପାଇଁ ୨୦୦୩ମସିହାରୁ ମୟୂରଭରେ ବଳାଙ୍ଗୀ ମହୋତ୍ସବ ବୁଢ଼ାବଳଙ୍ଗ ଚିପଟ ଓ ଇଟାଯୋଡ଼ି ନଦୀର ତ୍ରିବେଣୀ ସଙ୍ଗମ ପୀଠଠାରେ ଅନୁଷ୍ଠିତ ହୋଇଆସୁଛି। ଏହି ଅବସରରେ ଜିଲାର ୪ ଉପଖଣ୍ଡର ଅଧିବାସୀଙ୍କ ମଧ୍ୟରେ ସାମାଜିକ ଓ ସାଂସ୍କୃତିକ ସମନ୍ୱୟ ତଥା ଭାଇଚାରା ଅତୁଟ ରଖିବା ଉଦ୍ଦେଶ୍ୟରେ ୨୦୧୭ ମସିହାରୁ ବଳାଙ୍ଗୀ ସେନାର ସଂସ୍କୃତି ସୈନିକଙ୍କୁ ନେଇ ଏକ ସାଂସ୍କୃତିକ ଜାଗରଣ ଯାତ୍ରା (ବାଇକରାଲି) ଏବଂ ମହାରାଜା ଶ୍ରୀରାମ ଚନ୍ଦ୍ର ଭଦେଓଙ୍କ ସ୍ମୃତି ଉଦେଶ୍ୟରେ ଏକ ଜ୍ୟୋତିରଥ ଜିଲା ପରିକ୍ରମା କରିଥାଏ। ଚଳିତ ବର୍ଷ ଏହି ଜାଗରଣ ଯାତ୍ରା ଓ ଜ୍ୟୋତିରଥ ମାର୍ଚ୍ଚ ୧୫ ରୁ ୧୭ତାରିଖ ପର୍ଯ୍ୟନ୍ତ ୩ ଦିନ ଧରି ସମଗ୍ର ଜିଲା ପରିକ୍ରମା କରିବ। ୧୫ତାରିଖ ସକାଳୁ ମହାରାଜାଙ୍କ ସମାଧି ପୀଠରୁ ଜ୍ୟୋତି ପ୍ରଜ୍ୱଳିତ ହୋଇ ମା' ଅମ୍ବିକାଙ୍କ ନିକଟରୁ ଆଜ୍ଞାମାଳ ନେଇ ସକାଳ ୮ଟାରେ ଏହି ଜାଗରଣ ଯାତ୍ରା ଓ ଜ୍ୟୋତିରଥ ବାହାରିବ। ବିଭିନ୍ନ ଅଞ୍ଚଳ ପରିକ୍ରମା ସାରି ୧୭ ତାରିଖ ସନ୍ଧ୍ୟା ୭ଟାରେ ପାଲବଣୀ ବାଇପାସ ନିକଟରେ ପହଁଚିବାର କାର୍ଯ୍ୟକ୍ରମ ରହିଛି।

■ ଡୁଟୁନି ଆଶ୍ରମ ବିଦ୍ୟାଳୟ ସମସ୍ୟା

# ଜିଲା ମଙ୍ଗଳ ଅଧିକାରୀଙ୍କ ଅଫିସରେ ୨ଘଣ୍ଟା ପଡ଼ିଲା ତାଲା

**ବାରିପଦା ଅଫିସ,୧୨।୩**



ଟାଉନ ଥାନା ଅଧିକାରୀ ଅଶୋକ ନାୟକ ଆନ୍ଦୋଳନକାରୀଙ୍କ ସହିତ ଆଲୋଚନା କରୁଛନ୍ତି।

ମୟୂରଭଞ୍ଜ ଜିଲାର ଆଶ୍ରମ ବିଦ୍ୟାଳୟଗୁଡ଼ିକରେ ନାନା ସମସ୍ୟା ଥିବା ଅଭିଯୋଗ କରି ଆଦିବାସୀ ଯୁବଛାତ୍ର ସଂଗଠନ 'ମାରିସା' ମଙ୍ଗଳବାର ଜିଲା ମଙ୍ଗଳ ଅଧିକାରୀଙ୍କ କାର୍ଯ୍ୟାଳୟରେ ତାଲା ପକାଇ ଆନ୍ଦୋଳନ କରିଛି। କାର୍ଯ୍ୟାଳୟରେ ପ୍ରାୟ ଦୁଇଘଣ୍ଟା ତାଲା ପଡ଼ିବା ପରେ ବାରିପଦା ଟାଉନ ଥାନା ଅଧିକାରୀ ଅଶୋକ ନାୟକ ସଦଳ ବଳେ ଘଟଣା ସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିଥିଲେ। ଆନ୍ଦୋଳନକାରୀମାନେ ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ମୀନକେତନ ମଙ୍ଗରାଜଙ୍କ ସହ ଆଲୋଚନା କରିଥିଲେ। ଦାବିଗୁଡିକ ସମ୍ପର୍କରେ ବିଚାର କରି ୭ ଦିନ ମଧ୍ୟରେ କାର୍ଯ୍ୟକାରୀ କରାଯିବା ନେଇ ପ୍ରତିଶ୍ରୁତି ପରେ ସେମାନେ ମଧ୍ୟାହ୍ନ ୧୨ଟା ବେଳେ ଆନ୍ଦୋଳନରୁ ହଟିଥିଲେ। ଆନ୍ଦୋଳନରେ ଉପସଭାପତି କୁନୁ ମାର୍ଣ୍ଡି,ବିଶ୍ୱଜିତ ମୁର୍ମୁ, ମନୋରଞ୍ଜନ ସୋରେନ, ଦୀପୁ ମୁର୍ମୁ, ଗୌରାଙ୍ଗ ସୋରେନ,ସଞ୍ଜୟ ସିଂ, ରାମଚନ୍ଦ୍ର ହେମ୍ବ୍ରମ, ସନାତନ ସୋରେନ, ରଘୁନାଥ ମୁର୍ମୁ, ରତିକାନ୍ତ ଟୁଡୁ ପ୍ରମୁଖ ସାମିଲ ଥିଲେ।

ମାରିସା ସଭାପତି ଧରମରାଜ ହାଁସଦାଙ୍କ କହିବା ମୁତାବକ, ମୟୂରଭଞ୍ଜ ଏକ ଆଦିବାସୀ ବହୁଳ ଜିଲା । ଆଶ୍ରମ ବିଦ୍ୟାଳୟଗଡ଼ିକର ଛାତ୍ରୀମାନେ ଗର୍ଭବତୀ ହେବା ଘଟଣା ସହ ସେମାନଙ୍କ ମୃତ୍ୟୁ ଘଟଣା ବାରମ୍ବାର ପଦାକୁ ଆସୁଛି। ଫଳରେ ମୟୂରଭଞ୍ଜ ଜିଲା ଲଜ୍ଜିତ ହେଉଛି। ଆଶ୍ରମ ବିଦ୍ୟାଳୟଗୁଡ଼ିକରେ ଅନ୍ତେବାସୀଙ୍କ ରହିବାରେ ନାନା ସମସ୍ୟା ରହିଛି। ଅନେକ ବିଦ୍ୟାଳୟରେ ୱାର୍ଡେନ ନାହାନ୍ତି। ସୁପରିଣ୍ଟେଣ୍ଡେଣ୍ଟମାନଙ୍କ ଅପରାଗତା ଯୋଗୁ ବିଭିନ୍ନ ପ୍ରକାର ସମସ୍ୟା ଦେଖାଦେଉଛି। ଅନ୍ତେବାସୀଙ୍କୁ ଠିକ୍‌ଭାବେ ଖାଇବାକୁ ଦିଆଯାଉ ନାହିଁ। ହେଲେ ସମସ୍ୟାପ୍ରତି ପର୍ତ୍ତୃପକ୍ଷଙ୍କ ଅଣଦେଖା କରିଆସୁଛନ୍ତି। ବିଦ୍ୟାଳୟଗୁଡ଼ିକରେ ଶିକ୍ଷାଦାନ ମଧ୍ୟ ନିମ୍ନମାନର। ବାରମ୍ବାର ଅଭିଯୋଗ ସତ୍ତ୍ୱେ ଜିଲା ମଙ୍ଗଳ ବିଭାଗ କୌଣସି ପଦକ୍ଷେପ ନେଉନାହିଁ ବୋଲି ଧରମରାଜ ଅଭିଯୋଗ କରିଛନ୍ତି।

## ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ ଆଲୋଚନା

**ବାରିପଦା ଅଫିସ,୧୨।୩**

ବାରିପଦା ତକତପୁରସ୍ଥିତ ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟର ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ଆନୁକୂଲ୍ୟରେ ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ ଓ ଭାଷା ଭିତ୍ତିକ ପାଠଚକ୍ର ଅନୁଷ୍ଠିତ ହୋଇଛି। ଏଥିରେ ସାଂସ୍କୃତିକ କାର୍ଯ୍ୟକ୍ରମ ଉପଦେଷ୍ଟା ପ୍ରଫେସର ନାରାୟଣ ପ୍ରସାଦ ବେହେରା, ବିଭାଗୀୟ ମୁଖ୍ୟ ପ୍ରଫେସର ଦମୟନ୍ତୀ ବେଶ୍ରା, ଅବସରପ୍ରାପ୍ତ ପ୍ରଫେସର ଅବନୀ କୁଣ୍ଡ , ସୁଶାନ୍ତ କୁମାର ବସା ପ୍ରମୁଖ ଯୋଗଦେଇ ଓଡ଼ିଆ ଭାଷାର ଶାସ୍ତ୍ରୀୟତା ଓ ସାମ୍ପ୍ରତିକ ଓଡ଼ିଆ ଭାଷାର ସଙ୍କଟ ଓ ସମ୍ଭାବନା ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ସ୍ନାତକୋତ୍ତର ୬ଷ୍ଠ ବର୍ଷର ଛାତ୍ର ସୌଭାଗ୍ୟ ରାଉତ 'ଓଡ଼ିଆ ଭାଷାର ସଙ୍କଟ ଓ ସମ୍ଭାବନା' ଶୀର୍ଷକ ଉପରେ ଯୁକ୍ତି ଉପସ୍ଥାପନା କରିଥିଲେ। ପ୍ରାଧ୍ୟାପିକା କବିତା ବାରିକ, ଅତିଥି ଅଧ୍ୟାପକ ହୃଷିକେଶ ବାରିକ, ଅଧ୍ୟାପିକା ମନୋସ୍ମିତା ସେଠୀ, ସ୍ନାତକୋତ୍ତର ଛାତ୍ର ତାପସ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ମେଟାଲ ବୋଝେଇ ଟ୍ରାକ୍ଟର ଜବତ



ଜବତ ମେଟାଲ ବୋଝେଇ ଟ୍ରାକ୍ଟର।

**ଖୁଣ୍ଟା,ବଡ଼ସାହି, ୧୨।୩(ଡି.ଏନ୍.ଏ./ସ୍ୱ.ପ୍ର.)**

ଡୁକୁରା ବନାଞ୍ଚଳ କର୍ମଚାରୀମାନେ ମଙ୍ଗଳବାର ପ୍ରାତ ସମୟରେ ଏକ କଳା ମୁଗୁନି ମେଟାଲ ପଥର ବୋଝେଇ ଟ୍ରାକ୍ଟର ଜବତ କରିଛନ୍ତି। ଉକ୍ତ ଟ୍ରାକ୍ଟର ବେଆଇନ ଭାବେ ଡୁକୁରା ବନାଞ୍ଚଳ ଅଧୀନ ମହୁଲ କରକଞ୍ଜିଆ ଗ୍ରାମ ନିକଟ ବଡ଼ହୁଡ଼ି ପଥର ଖଦାନରୁ ମେଟାଲ ବୋଝେଇ କରି ନୂଆଗାଁ ଗ୍ରାମକୁ ନେଉଥିବା ବେଳେ ବାଇଗଣବା ଗ୍ରାମ ରାସ୍ତାରେ ଏହାକୁ ଅଟକାଯାଇଥିଲା। ଟ୍ରାକ୍ଟରକୁ ଜବତ କରାଯାଇ ଡୁକୁରା ବନାଞ୍ଚଳ କାର୍ଯ୍ୟାଳୟକୁ ନିଆଯାଇଛି।

## ଆଦିବାସୀ ବନବିଦ୍ୟାଳୟର ବାର୍ଷିକୋତ୍ସବ

**ବଡ଼ସାହି,୧୨।୩(ସ୍ୱ.ପ୍ର.)**

ବଡ଼ସାହି ବ୍ଲକ ଅଧୀନ ପଟିସାରୀ ପଞ୍ଚାୟତ ବେଗୁନିଆବଣୀ ଗ୍ରାମ ମୟୂରଭଞ୍ଜ ଆଦିବାସୀ ବନବିଦ୍ୟାଳୟର ୧୦ମ ବାର୍ଷିକ ଉତ୍ସବ ପ୍ରଧାନଶିକ୍ଷକ ବସନ୍ତ କବାଟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଛି । ଉତ୍ସବରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ସରପଞ୍ଚ ମାଣିକ ଟୁଡୁ, ମୁଖ୍ୟବକ୍ତା ଭୀମଦା ହାଇସ୍କୁଲ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ବାସୁଦେବ ମହାନ୍ତି, ସମ୍ମାନିତ ଅତିଥି ସମିତି ସଭ୍ୟ ସ୍ମୃତିରଞ୍ଜନ ମଲ୍ଲିକ ଓ ପରିଚାଳନା କମିଟି ସଭାପତି ଶଶିକାନ୍ତ ନାଏକ ଯୋଗଦେଇ ବକ୍ତବ୍ୟରଖିଥିଲେ। ଦଶମ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ବିଦାୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିଗଣ ପୁରସ୍କାର ଓ ପ୍ରମାଣପତ୍ର ବଣ୍ଟନ କରିଥିଲେ । ଛାତ୍ରୀଛାତ୍ରଙ୍କ ଦ୍ୱାରା ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା ।

## ସେବା ଶିବିର ପରିଦର୍ଶନ କଲେ ସୁରେଖା ସୁନ୍ଦରୀ

**ବାରିପଦା ଅଫିସ,୧୨।୩**

ବାରିପଦା ମହାରାଜପୁରସ୍ଥିତ ମୟୂରଭଞ୍ଜ କଲେଜ ଅଫ ଆକାଉନଷ୍ଟାନସ ଆଏଣ୍ଡ ମ୍ୟାନେଜମେଣ୍ଟ ପରିସରରେ ୬ତାରିଖରୁ ଆରମ୍ଭ ହୋଇଥିବା ସ୍ୱତନ୍ତ୍ର ସେବା ଶିବିରକୁ ରାଜ୍ୟ ଜାତୀୟ ସେବା ଯୋଜନା ଅଧିକାରୀ ତଥା ଉଚ୍ଚ ଶିକ୍ଷା ବିଭାଗ ଉପସଚିବ ପ୍ରଫେସର ସୁରେଖା ସୁନ୍ଦରୀ ସ୍ୱାଇଁ ପରିଦର୍ଶନ କରିଛନ୍ତି। ଏଠାରେ ସେ ସ୍ୱେଚ୍ଛାସେବୀମାନଙ୍କ ସହ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ ଉଦ୍ଭିଦ ବିଜ୍ଞାନ ଅଧ୍ୟାପିକା ଡକ୍ଟର ବିଷ୍ଣୁପ୍ରିୟା ହାଁସଦା, ଏନଏସ୍ଏସ୍ ସଂଯୋଜକ ଉଷା ଶତପଥୀ,ଏମବିଏ ବିଭାଗର ଆଶିଷ୍ଟାଣ୍ଟ ପ୍ରଫେସର ସ୍ମୃତିରଞ୍ଜନ ଦାସ, କଲେଜ ଅଧ୍ୟକ୍ଷ ପ୍ରଦୀପ ନାୟକ, ସଙ୍ଗୀତା ସୋରେନ ପ୍ରମୁଖ ଶିବିରରେ ଯୋଗଦେଇଥିଲେ। ଶିବିରରେ ଅନ୍ୟମାନଙ୍କ ମଧ୍ୟରେ ମୀରା ସେନାପତି, ସଂଘମିତ୍ରା ରାଉତ, ଛାତ୍ରୀ ଦିବ୍ୟଜ୍ୟୋତି ଗିରି, ସୁନିତା ମୁର୍ମୁ, ସୁଭଦ୍ରା ମାରାଣ୍ଡି, ବବିତାରଣୀ ହେମ୍ବ୍ରମ, ଛାତ୍ରୀ ରାଜଲକ୍ଷ୍ମୀ ଶର୍ମା, ପଲ୍ଲବୀ ଦାଶ, ଡଲି ମହାନ୍ତି, ସୁରେଖା ସୁନ୍ଦରୀ ସ୍ୱାଇଁ, ରାଜଲକ୍ଷ୍ମୀ ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ।



ଅତିଥିଙ୍କ ସହ ଶିବିରାର୍ଥୀମାନେ ।

## ମୟୂର ଆର୍ଟିଷ୍ଟର ସମାବର୍ତ୍ତନ ଉତ୍ସବ

**କୁଆମରା, ୧୨।୩ (ଡି.ଏନ.ଏ. )**

ଗୋପବନ୍ଧୁ ନଗର ବ୍ଲକ ଅନ୍ତର୍ଗତ ତଳକଉଦା ଗାଁର ମୟୂର ଆର୍ଟିଷ୍ଟ ଆସୋସିଏଶନର ୩୪ତମ ସମାବର୍ତ୍ତନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସାର୍ବଜନୀନ କଳା ଶିକ୍ଷା ଅଭିଯାନ ପ୍ଲାଟଫର୍ମ ତରଫରୁ ଆମେ କଳାକାର ଓ ଆମ ପକ୍ଷରୁ ନାଟ୍ୟ କର୍ମଶାଳା ଓ ପ୍ରତିଭା ସମ୍ବର୍ଦ୍ଧନା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଡଃ ସସ୍ମିତା ମିଶ୍ର, ମୁଖ୍ୟ ବକ୍ତା ଭାବେ ଅଧ୍ୟାପକ ପ୍ରତାପ ଚନ୍ଦ୍ର ଦାସ ଯୋଗଦେଇ ଥିବାବେଳେ ସଂଗଠନର ସଭାପତି ଓଡିଶା ସାହିତ୍ୟ ଏକାଡେମୀର ପୂର୍ବତନ ସଦସ୍ୟ ଡଃ ଭାଗବତ ପ୍ରସାଦ ଦାସ ଅଧ୍ୟକ୍ଷତା କରିଥିଲେ। ଉକ୍ତ କର୍ମଶାଳାରେ ବହୁ ପୁରାତନ କଳାକାର, ଚିତ୍ରଶିଳ୍ପୀ ଯୋଗ ଦେଇ ଥିବାବେଳେ ସଙ୍ଗଠନର ସମ୍ପାଦକ ତଥା ନାଟ୍ୟକାର ମନୋରଞ୍ଜନ ଦାଶ ପରିଚାଳନା କରିଥିଲେ। ନିହାର ରଞ୍ଜନ ପାତ୍ର, ସୁମନ୍ତ ମହାଲିକ, ଦିଲ୍ଲୀପ ସିଂ, ଉମାଶଙ୍କର ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। କଣ୍ଠ ଶିଳ୍ପୀ ରାମଚନ୍ଦ୍ର ଦାସ, ନୃତ୍ୟ ଶିଳ୍ପୀ ବସନ୍ତ ଭୋଇ, ମମତା ତ୍ରିପାଠୀ, ଲାଲମୋହନ ଜେନା ଓ ଚିତ୍ର ଶିଳ୍ପୀ ରବିଚନ୍ଦ୍ର ମଲ୍ଲିକଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା।

## ରାମକୃଷ୍ଣ ଆଦର୍ଶ ଶିକ୍ଷା କେନ୍ଦ୍ରର ବାର୍ଷିକ ଉତ୍ସବ

**ଠାକୁରମୁଣ୍ଡା,୧୨। ୩(ଡି.ଏନ.ଏ)**

ଠାକୁରମୁଣ୍ଡା ବ୍ଲକ୍ ରାମକୃଷ୍ଣ ଆଦର୍ଶ ଶିକ୍ଷା କେନ୍ଦ୍ରର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି । ଏଥିରେ ମୁଖ୍ୟଅତିଥି ଭାବେ ପୂର୍ବତନ ବିଧାୟକ ପଦ୍ମଚରଣ ହାଇବୁରୁ, ସମ୍ମାନିତ ଅତିଥି ତିନିଟିଆ ଆଦର୍ଶ ଶିକ୍ଷା କେନ୍ଦ୍ର ସମ୍ପାଦକ ଦୈତାରୀ ମହାନ୍ତ,ମାଛଗଛ ଆଦର୍ଶ ଶିକ୍ଷା କେନ୍ଦ୍ରର ହରିଶଚନ୍ଦ୍ର ମହାନ୍ତ, କେଶଡିହା ସରପଞ୍ଚ ରଘୁନାଥ ନାୟକ,ଠାକୁରମୁଣ୍ଡା ଆଦର୍ଶ କେନ୍ଦ୍ରର ସମ୍ପାଦକ ଭୁବନେଶ୍ୱର ମହାନ୍ତ ପ୍ରମୁଖ ଯୋଗ ଦେଇଥିଲେ । ଠାକୁରମୁଣ୍ଡା ଆଦର୍ଶ ଶିକ୍ଷା କେନ୍ଦ୍ରର ଶିକ୍ଷୟିତ୍ରୀ ହିତ୍ୟାଶା ନାୟକ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶିକ୍ଷା କେନ୍ଦ୍ରର ପ୍ରଧାନଆଚାର୍ଯ୍ୟ ଜୟଶ୍ରୀରାଉତ ବିବରଣୀ ପାଠ କରିଥିଲେ । ସ୍କୁଲରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତା କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ । କାର୍ଯ୍ୟକ୍ରମରେ ତାଟୋ ତିନିଟିଆ ଆଦର୍ଶ ଶିକ୍ଷା କେନ୍ଦ୍ର ସମ୍ପାଦକ ମୋତିଲାଲ ମହାନ୍ତ ସଭାପତିତ୍ୱ କରିଥିଲେ ।

### ରେକର୍ଡ ରୁମରେ ଶର୍ଟ ସର୍କିଟ୍

**ହାଟଡିହୀ, ୧୨।୩(ଡି.ଏନ୍.ଏ.)**

କେନ୍ଦୁଝର ଜିଲା ହାଟଡିହୀ ତହସିଲରେ ମଧ୍ୟାହ୍ନରେ ବିଦ୍ୟୁତ୍ ସର୍ଟସର୍କିଟ୍ ଘଟିଛି। ଫଳରେ ଏକ ବଡଧରଣର ଦୁର୍ଘଟଣାରୁ କର୍ମଚାରୀମାନେ ଅଳ୍ପକେ ବର୍ତ୍ତିଯାଇଛନ୍ତି। ହଠାତ୍ ରେକର୍ଡ ରୁମରେ ସର୍ଟସର୍କିଟ ଘଟିଥିଲା। ତହସିଲ କର୍ମଚାରୀମାନେ ଜାଣିପାରି ସଙ୍ଗେ ସଙ୍ଗେ ବିଦ୍ୟୁତ ସଂଯୋଗ ବିଛିନ୍ନ କରିଥିଲେ।

■ ବିଜେଡିର ହକ୍ ମାଗୁଛି ଓଡ଼ିଶା କାର୍ଯ୍ୟକ୍ରମ

# ମଞ୍ଚରେ ମନ ମିଶାଇବା ଉଦ୍ୟମ

**ବାରିପଦା ଅଫିସ,୧୨।୩**



କାର୍ଯ୍ୟକ୍ରମରେ ଦଳୀୟ ନେତା ଓ କର୍ମକର୍ତ୍ତା।

ମୟୂରଭଞ୍ଜ ଜିଲା ମୋରାଡ଼ା ନିର୍ବାଚନୀ ମଣ୍ଡଳୀ ଶୁଳିଆପଦାଠାରେ ମଙ୍ଗଳବାର ବିଜେଡିର ହକ୍ ମାଗୁଛି ଓଡ଼ିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ସାଧାରଣ ନିର୍ବାଚନ ପୂର୍ବରୁ ଏହି କାର୍ଯ୍ୟକ୍ରମ ଅବସରରେ ଦଳ ମଧ୍ୟରେ ଥିବା ମନାନ୍ତର ଓ ମତାନ୍ତର ଦୂର ଲାଗି ଉଦ୍ୟମ ହେବା ଚର୍ଚ୍ଚାକୁ ଆସିଛି। ମଞ୍ଚ ବିଜେଡି ପାଇଁ ଶୁଭ ହିଁ ଶୁଭ ହୋଇଛି। ଉକ୍ତ ନିର୍ବାଚନ ମଣ୍ଡଳୀ ଦଳୀୟ ପର୍ଯ୍ୟବେକ୍ଷକ ତଥା ବିଧାୟକ ପ୍ରଣବ ବଳବନ୍ତରାୟଙ୍କ ଉଦ୍ୟମକ୍ରମେ ଦଳ ଭିତରେ ମତାନ୍ତର ରଖିଥିବା କର୍ମୀ ଏବଂ ନେତାଙ୍କୁ ମଞ୍ଚରେ ଏକାଠି ବସାଇପାରିଥିବା ଦଳ ତରଫରୁ କୁହାଯାଇଛି।

ବିଭିନ୍ନ କାରଣକୁ ନେଇ ଏକଦା ବିଧାୟକ ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ, ଜିଲା କାର୍ଯ୍ୟକାରୀ ସଭାପତି ଦେବାଶିଷ ମହାନ୍ତି, ରାଜ୍ୟ ନେତ୍ରୀ ସମ୍ପା ମଜୁମଦାର, ଯୁବ ନେତା କୃଷ୍ଣଚନ୍ଦ୍ର ଦାସ ଓ ଆଦିତ୍ୟ ପଣ୍ଡା ମୁହଁ ଦେଖାଦେଖି ହେଉ ନ ଥିଲେ। ଏପରିକି ଗୋଷ୍ଠୀ ସୃଷ୍ଟି କରି ପରସ୍ପର ବିରୋଧୀ ହୋଇଯାଇଥିଲେ। କିନ୍ତୁ ହକ୍ ମାଗୁଛି ଓଡ଼ିଶ କାର୍ଯ୍ୟକ୍ରମରେ ସମସ୍ତଙ୍କୁ ଗୋଟିଏ ମଞ୍ଚରେ ବସାଯାଇପାରିଛି। କାର୍ଯ୍ୟକ୍ରମରେ ଦଳୀୟ ବିଶୃଙ୍ଖଳାକୁ ବରଦାସ୍ତ କରାଯିବ ନାହିଁ ବୋଲି ଦଳ ସୁପ୍ରିମଙ୍କ ନିର୍ଦ୍ଦେଶ ଥିବା ପ୍ରଣବ କହିଛନ୍ତି। ଦଳ ପକ୍ଷରୁ ଟିକେଟ ଯାହାକୁ ଦିଆଯିବ ତାଙ୍କୁ ବିଜୟୀ କରିବାକୁ ସମସ୍ତେ ଏକାଠି କାମ କରିବା ପାଇଁ ସେ ପରାମର୍ଶ ଦେଇଛନ୍ତି।

ଆଦିବାସୀ ବହୁଳ ମୟୂରଭଞ୍ଜ ଜିଲାରେ ଏକ ମାତ୍ର ମୋରଡା ବିଧାନସଭା ଆସନ ଅଣ ସଂରକ୍ଷିତ ରହିଛି। ଏଠାରେ ବିଜେଡିରେ ଆଶାୟୀଙ୍କ ଲମ୍ବା ଲାଇନ ଲାଗିଛି। ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ, ଦେବାଶିଷ ମହାନ୍ତି, ସମ୍ପା ମଜୁମଦାର, କୃଷ୍ଣଚନ୍ଦ୍ର ଦାସ, ଆଦିତ୍ୟ ପଣ୍ଡା ପ୍ରମୁଖ ବିଜେଡିର ଆଶାୟୀ ପ୍ରାର୍ଥୀ ଅଛନ୍ତି। ପୂର୍ବରୁ ଏହି ନିର୍ବାଚନ ମଣ୍ଡଳୀରେ ବିଧାୟକଙ୍କୁ ବାଦ ଦେଇ ଉପରୋକ୍ତ କର୍ମୀମାନେ ବିଭିନ୍ନ କାର୍ଯ୍ୟକ୍ରମ ମାନ କରିଆସୁଥିଲେ। ଏନେଇ ଦଳରେ ଅଶାନ୍ତି ରହିଥିଲା। ଜଣେ କେହି ବି ବିଧାୟକ ଟିକେଟ ପାଇଲେ ଅନ୍ୟମାନେ ତାଙ୍କୁ ବିରୋଧ କରିବା ନେଇ ପରିସ୍ଥିତି ସୃଷ୍ଟି ହୋଇଥିଲା। ଏହି ଖବର ଦଳ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟରେ ପହଞ୍ଚିଥିଲା। ଏବେ ଦଳ ସଂଗଠନ ସଜାଡିବାକୁ ପ୍ରୟାସ କରିଛି। ଏଥିପାଇଁ ମଙ୍ଗଳବାର ଶୁଳିଆପଦାଠାରେ ଆୟୋଜିତ ହକ୍ ମାଗୁଛି ଓଡିଶା କାର୍ଯ୍ୟକ୍ରମରେ ପରସ୍ପର ବିଦ୍ରୋହୀଙ୍କୁ ଗୋଟିଏ ମଞ୍ଚରେ ଛିଡ଼ା କରାଇଛି। ଅପରପକ୍ଷେ ଏ ପର୍ଯ୍ୟନ୍ତ ଦଳ କାହାକୁ ଟିକେଟ ଦେବ ତାହା ଚୂଡାନ୍ତ ହୋଇ ନ ଥିବାରୁ ଆଶାୟୀମାନେ ଲବି ଜାରି ରଖିଛନ୍ତି।

### ହୋ' ନେତାଙ୍କୁ ପ୍ରାର୍ଥୀ କରିବାକୁ ଦାବି

**ଯଶିପୁର,୧୨।୩(ଡି.ଏନ୍.ଏ)**

ଆଗାମୀ ଲୋକସଭା ଓ ବିଧାନସଭା ନିର୍ବାଚନରେ ମୟୂରଭଞ୍ଜ ଲୋକସଭା ଆସନ ସମେତ ୭ ବିଧାନସଭା ଆସନଗୁଡ଼ିକରେ ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା (ଜେଏମ୍ଏମ୍) ଓ ବିଜେଡି ହୋ' ନେତାମାନଙ୍କୁ ଦଳୀୟ ପ୍ରାର୍ଥୀ କରିବା ପାଇଁ ସୁଯୋଗ ଦେବାକୁ ଆଦିବାସୀ ହୋ' ସମାଜ ମହାସଭା ରାଜ୍ୟ ଆବାହକ ମନୋରଞ୍ଜନ ତିରିଆ ଦାବି କରିଛନ୍ତି। ୨୦୧୪ ନିର୍ବାଚନରେ କଂଗ୍ରେସ ବେରେଲ୍ ସିର୍କା ( ସାରସକଣା), ବୈଦ୍ୟନାଥ ସିଂ ବଦ୍ରା (କରଞ୍ଜିଆ) ଏବଂ ଭାଜପା ଡାକ୍ତର ରଘୁନାଥ ହେମ୍ବ୍ରମ (ଯଶିପୁର), ଜ୍ୟୋତ୍ସ୍ନା ବାନସିଂ (କରଞ୍ଜିଆ)ଙ୍କୁ ପ୍ରାର୍ଥୀ କରିଥିଲା। ମାତ୍ର ବିଜେଡି କିମ୍ବା ଓ ଜେଏମ୍ଏମ୍ ତରଫରୁ ମୟୂରଭଞ୍ଜ ଲୋକସଭା ଏବଂ ବିଧାନସଭା ଆସନଗୁଡ଼ିକରେ ହୋ' ଭାଷାଭାଷୀଙ୍କୁ ପ୍ରାର୍ଥୀ କରାଯାଇ ନ ଥିଲା।

### ତହସିଲଦାରଙ୍କ କାର୍ଯ୍ୟରେ ଯୋଗଦାନ

**କୁଆମରା,୧୨।୩(ଡି.ଏନ.ଏ.)**

ଗୋପବନ୍ଧୁନଗର ବ୍ଲକ ନୂତନ ତହସିଲଦାର ଭାବେ ସଂକଳ୍ପ ସ୍ୱସ୍ତିକ ସାହୁ କାର୍ଯ୍ୟରେ ଯୋଗଦାନ କରିଛନ୍ତି। ପୂର୍ବରୁ ସେ କଟକ ଉପଜିଲାପାଳ ଭାବେ କାର୍ଯ୍ୟରତ ଥିଲେ। ଅନୀତା ନାୟକଙ୍କ ବଦଳି ହେବା ପରେ ସଂକଳ୍ପ ଏଠାରେ ଯୋଗଦେଇଛନ୍ତି।

# ପିଲାଙ୍କୁ ଛାଡ଼ିବାକୁ ଇଚ୍ଛା କରୁନାହାନ୍ତି ଅଭିଭାବକ

**କୁଆମରା, ୧୨।୩ (ଡି.ଏନ.ଏ.)**




ବିଦ୍ୟାଳୟରେ ପାଠ ପଢ଼ାଯାଉଛି।

■ସମସ୍ୟାରେ ପଟୁଆ ସରକାରୀ ପ୍ରାଥମିକ ବିଦ୍ୟାଳୟ
■ପାଞ୍ଚ ଶ୍ରେଣୀକୁ ଜଣେ ଶିକ୍ଷକ

ପାଞ୍ଚ ଶ୍ରେଣୀକୁ ଜଣେ ଶିକ୍ଷକ। ସେଥିରେ ପୁଣି ପ୍ରଥମେ ସରକାରୀ କାମ, ପରେ ଶିକ୍ଷାଦାନ। କେବଳ ପିଲାଙ୍କୁ ଜଗିବା ହିଁ ସାର ହେଉଛି। ଗୋପବନ୍ଧୁ ନଗର ବ୍ଲକ୍ ଅନ୍ତର୍ଗତ କୁଆମରା ପଞ୍ଚାୟତ ପଟୁଆ ସରକାରୀ ପ୍ରାଥମିକ ବିଦ୍ୟାଳୟର ଅବସ୍ଥା ଏପରି ହୋଇଛି। ୧୯୭୨ ମସିହାରେ ସ୍ଥାପିତ ଉକ୍ତ ବିଦ୍ୟାଳୟରେ ଚଳିତ ବର୍ଷ ପ୍ରଥମରୁ ପଞ୍ଚମ ଯାଏ ୩୯ ଛାତ୍ରୀଛାତ୍ର ନାମ ଲେଖାଇଛନ୍ତି। ଗୁଣାତ୍ମକ ଶିକ୍ଷାଦାନ ଅଭାବ ଏବଂ ବିଦ୍ୟାଳୟରେ ନାନା ସମସ୍ୟା ଥିବାରୁ ଅଭିଭାବକ ସେମାନଙ୍କ ପିଲାମାନଙ୍କୁ ବିଦ୍ୟାଳୟ ପଠାଇବାକୁ ଆଗ୍ରହ ପ୍ରକାଶ କରୁନାହାନ୍ତି।

ଏଠାରେ ଦୁଇଜଣ ଶିକ୍ଷକ ନିଯୁକ୍ତି ପାଇଥିଲେ। ମାତ୍ର କୌଣସି କାରଣରୁ ସହକାରୀ ଶିକ୍ଷକ ଜଣକୁ ଏଠାରୁ ଗତ ଅଗଷ୍ଟ ମାସରେ ଅନ୍ୟତ୍ର ବଦଳି କରାଯାଇଛି। ଏବେ ପ୍ରଧାନ ଶିକ୍ଷୟିତ୍ରୀ ଜଣଙ୍କୁ ବିଦ୍ୟାଳୟର ଶିକ୍ଷାଦାନ ସହ ଅଫିସ କାର୍ଯ୍ୟ ତୁଲାଇବାକୁ ପଡୁଛି। ସେଥିପାଇଁ ସବୁ କାର୍ଯ୍ୟ ସଠିକ୍ ଭାବେ ସମ୍ପାଦନ କରିବା ତାଙ୍କ ପକ୍ଷେ ସମ୍ଭବ ହୋଇପାରୁ ନ ଥିବା ସେ କହିଛନ୍ତି। ବିଦ୍ୟାଳୟ ପରିଚାଳନା କମିଟି ଏନେଇ ବିଇଓଙ୍କୁ ଅବଗତ କରିଛି। ଶିକ୍ଷକ ନିଯୁକ୍ତି ପାଇଁ ପଦକ୍ଷେପ ନିଆ ନ ଗଲେ ଆନ୍ଦୋଳନ କରିବେ ବୋଲି ପରିଚାଳନା କମିଟି ସଭାପତି ପାର୍ବତୀ ମାଝୀ ଓ ୱାର୍ଡ଼ ସଦସ୍ୟ ବସନ୍ତ ହାଁସଦା ଚେତାବନୀ ଦେଇଛନ୍ତି। କିନ୍ତୁ ଅପରପକ୍ଷେ ଏଯାଏ କୌଣସି ସୁଫଳ ମିଳି ନ ଥିବା ପ୍ରଧାନଶିକ୍ଷୟିତ୍ରୀ କହିଛନ୍ତି। ଏ ସମ୍ପର୍କରେ ବିଡିଓ ମନୋଜ ବେହେରାଙ୍କୁ ଯୋଗାଯୋଗ କରିବାକୁ ସେ ଉଚ୍ଚ କର୍ତ୍ତୃପକ୍ଷଙ୍କ ସହିତ ଆଲୋଚନା କରିବେ ବୋଲି କହିଛନ୍ତି।

